

# ଭୁବନେଶ୍ୱର ସିଟି



ସିଆରପି-ରେଣ୍ଟାଲ୍ ରାସ୍ତା ମଝିରେ ଖାଲ

## ବିସିଆଇ ଅନୁମୋଦନ ନବୀକରଣ ପାଇଁ ଆନ୍ଦୋଳନ

# ଆଇନ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି



**ଭୁବନେଶ୍ୱର, ୯।୧(ସମିସ):** ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ)ର ଅନୁମୋଦନ ୨୦୧୮-୧୯ରୁ ସରିଥିଲେ ମଧ୍ୟ ଏହାକୁ ନବୀକରଣ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବିଶ୍ୱବିଦ୍ୟାଳୟ କର୍ମଶାଳାରେ ଖୋର୍ଦ୍ଧା ଜିଲ୍ଲା ଜଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପରେ ଛାତ୍ରଛାତ୍ରୀମାନେ ବିସିଆଇ ଅନୁମୋଦନ ନ ଥିବା ଅଭିଯୋଗ କରି ବିକ୍ଷୋଭ କରିଛନ୍ତି। ଅନୁମୋଦନ ଆଣିବାକୁ କର୍ତ୍ତୃପକ୍ଷ ପ୍ରୟାସ

■ ଉଦ୍‌ଘାଟନ ପରେ ଅଟକିଲା ସଚେତନତା କର୍ମଶାଳା

■ ଆଲୋଚନା ପରେ ବି ବାହାରିପାରିଲାନି ନିଷ୍କର୍ଷ

ଆଇନ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତୁରନ୍ତ ବିସିଆଇ ଅନୁମୋଦନ ଆଣିବାକୁ ମହାବିଦ୍ୟାଳୟ ପ୍ରୟାସ କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ମହାବିଦ୍ୟାଳୟରେ ମଙ୍ଗଳବାର ମାନସିକ ଅବସାଦ ହ୍ରାସ ଓ ଆତ୍ମହତ୍ୟା ନିବାରଣ ପାଇଁ ସଚେତନତା କର୍ମଶାଳା ଅନୁଷ୍ଠିତ ହେଉଥିଲା। ଏହି କରୁ ନ ଥିବା ମଧ୍ୟ ଅଭିଯୋଗ କରିଥିଲେ। ଏହାକୁ ଖୋର୍ଦ୍ଧା ଜିଲ୍ଲା ଜଜ୍‌ଙ୍କ ଦୃଷ୍ଟିକୁ ଆଣିବା ପାଇଁ ପ୍ଲାକାର୍ଡ ପ୍ରଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ଖୋର୍ଦ୍ଧା ଜିଲ୍ଲାଜଜ୍ ଫେରି ଯାଇଥିଲେ। ଫଳରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ବନ୍ଦ ହୋଇଗଲା।

ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟର ବିସିଆଇ ଅନୁମୋଦନ ନ ଥିବାରୁ ସେମାନେ ପଞ୍ଜୀକରଣ କରିପାରୁ ନାହାନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଥିବା କହିଛନ୍ତି। ସମସ୍ୟା ବିଷୟରେ ପୂର୍ବରୁ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଡିସେମ୍ବର ମାସ ଶେଷ ସୁଦ୍ଧା ବିସିଆଇ ଅନୁମୋଦନ ନବୀକରଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଜାନୁଆରୀ ମାସ ପ୍ରଥମ ସପ୍ତାହ ସୁଦ୍ଧା ଏହା ହୋଇ ନ ଥିବାରୁ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିବା କହିଛନ୍ତି। ଦାବି ପୂରଣ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟଙ୍କୁ ଭେଟି ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ଆଲୋଚନା କରିଥିଲେ। ପରେ କୁଳପତି, କୁଳସଚିବଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ସୁକାନ୍ତ କୁମାର ନନ୍ଦ ଓ ଆନ୍ଦୋଳନରତ ଛାତ୍ରଛାତ୍ରୀ ଆଲୋଚନା କରିଛନ୍ତି। ଆଲୋଚନାର କୌଣସି ନିଷ୍କର୍ଷ ବାହାରି ନ ଥିବା ଜଣାପଡ଼ିଛି।

ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ସୁକାନ୍ତ କୁମାର ନନ୍ଦ କହିଛନ୍ତି। ଏହାସହ ସେ କହିଛନ୍ତି, କର୍ମଶାଳାକୁ ଭଣ୍ଡୁର କରି ଶିକ୍ଷାନୁଷ୍ଠାନକୁ ବଦନାମ କରିବା ପାଇଁ ପୂର୍ବ ପ୍ରସ୍ତୁତ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଜଣେ ପୂର୍ବତନ ଛାତ୍ର ଏନେଇ ଛାତ୍ରଛାତ୍ରୀଙ୍କୁ ହ୍ୱାଟସ୍‌ଆପ୍ ଗ୍ରୁପରେ ଉସୁକାଇଛନ୍ତି। ଫଳରେ ଅତିଥିଙ୍କ ସମ୍ମୁଖରେ ମହାବିଦ୍ୟାଳୟକୁ ନିନ୍ଦିତ କରାଯାଇଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏହାସହ ବିସିଆଇ ଅନୁମୋଦନ ନବୀକରଣ କରିବାକୁ ଡିସେମ୍ବର ୨୩ ତାରିଖରେ ସମସ୍ତ କାଗଜପତ୍ର ବିସିଆଇ ନିକଟକୁ ପଠାଯାଇଛି। ପରବର୍ତ୍ତୀ ପଦକ୍ଷେପ ବିସିଆଇ ପକ୍ଷରୁ ନିଆଯାଇ ନବୀକରଣ ପ୍ରକ୍ରିୟା କରାଯିବ ବୋଲି ଶ୍ରୀ ନନ୍ଦ ପ୍ରକାଶ କରିଛନ୍ତି।

# ବାନାମ୍ବରଙ୍କୁ ନୂଆ ଜୀବନ ଦେଲା 'ବିଏସ୍‌କେୱାଇ'

**ଭୁବନେଶ୍ୱର, ୯।୧(ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଲୋକଙ୍କ ମନରେ ଆଣିଛି ବଞ୍ଚିବାର ନୂଆ ଆଶା ଓ ଭରସା। ଏହି କାର୍ଡ ବଳରେ ରାଜ୍ୟର ଦୂରଦୂରାନ୍ତ ଶ୍ରମଜୀବୀ, ଆର୍ଥିକ ଦୁର୍ବଳ ବର୍ଗ ଏବଂ ନିସହାୟ ଲୋକ ଭଲ ଘରୋଇ ହସ୍ପିଟାଲମାନଙ୍କରେ ଦେୟମୁକ୍ତ ଚିକିତ୍ସା ପାଇ ପାରୁଛନ୍ତି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନାଚୁଣୀ ଗ୍ରାମ ପଞ୍ଚାୟତର ଗୋରଡ଼ାଝରି ଗ୍ରାମବାସୀ ବାନାମ୍ବର ଦାଶଙ୍କ କହିବା ଅନୁସାରେ, ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ମୋତେ ନୂଆ ଜୀବନ ଦେଲେ। ମୁଁ ଜଣେ ଦିନ ମଜୁରିଆ ଭାବେ କାମ କରେ। ମୋର ତିନି ଝିଅ। ଯାହା ରୋଜଗାର କରିଥିଲି ସେ ସବୁକୁ ଝିଅମାନଙ୍କ ଲାଳନ ପାଳନ ଓ ବାହାଘରରେ ଖର୍ଚ୍ଚ କରିଦେଇଥିଲି। ସଞ୍ଚୟ କହିଲେ କିଛି ନଥିଲା। ଆଉ ବୃଦ୍ଧା ବୟସରେ କେଉଁଠୁ ପଇସା ଯୋଗାଡ଼ କରିପାରିନଥାନ୍ତି। ମୁଁ ନିଜ ଉପରୁ ଆଶା ଛାଡିଦେଇଥିଲି। ଏହି ସମୟରେ ଗାଁ ରୁ ଶୁଣିବାକୁ ପାଇଲି ଯେ, ବିଏସ୍‌କେୱାଇ କାର୍ଡ ଯୋଗେ ମାଗଣାରେ ଅପରେସନ ହେଉଛି। ମୋ କାର୍ଡ ନେଇ ନାଚୁଣୀରେ ଥିବା ଏକ ଘରୋଇ ହସ୍ପିଟାଲକୁ ଗଲି। ମୋତେ ଟଙ୍କାଟିଏ ବି ଖର୍ଚ୍ଚ ଲାଗିଲାନି। ସମସ୍ତ ପରୀକ୍ଷା ଠାରୁ ଆରମ୍ଭ କରି ଅପରେସନ ବି ମାଗଣାରେ ହେଲା। ରାଜ୍ୟ ସରକାରଙ୍କ ଏହି ଯୋଜନା ପାଇଁ ଆମ ଗରିବ ଲୋକ ବହୁ ଉପକାର ପାଉଛନ୍ତି କହି ସେ ମୁଖ୍ୟମନ୍ତ୍ରୀଙ୍କୁ ବହୁ ପ୍ରଶଂସା କରିଥିଲେ ବାନାମ୍ବରଙ୍କ ଝିଅ ଝରଣା ଦାଶ ଓ ପରିବାର।

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ପରିବାର ଲୋକେ**



## ଦିଲ୍ଲୀପ ରାୟଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



**ଭୁବନେଶ୍ୱର, ୯।୧ (ସମିସ):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ୬୭ତମ ଜନ୍ମ ଦିବସ ପାଳନ ଅବସରରେ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭୁବନେଶ୍ୱର ୟୁଥ୍ ଭଏସ୍‌ର ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଞ୍ଚେଶ୍ୱରସ୍ଥିତ ଲା ଫିଏଷ୍ଟାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ଭୁବନେଶ୍ୱର ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ଶ୍ରୀ ରାୟଙ୍କ ଦୀର୍ଘାୟୁ କାମନା କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ୟୁଥ ଭଏସର ସଭାପତି ତଥା ଯୁବ ସମାଜସେବୀ ଆଡଭୋକେଟ୍ ଚିତ୍ତରଞ୍ଜନ ଦାସ ଶିବିର ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ତଥା ଅନ୍ୟ ସ୍ୱେଚ୍ଛା ରକ୍ତଦାତାଙ୍କ ସମେତ ମୋଟ ୧୭୫ ଜଣ ଏହି ଶିବିରରେ ରକ୍ତଦାନ କରିଥିଲେ।

## ପ୍ରଫେସର୍ ଅରୁଣ ମିଶ୍ରଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୯।୧(ସମିସ):** ସଂସ୍କୃତ କାବ୍ୟ ଗ୍ରନ୍ଥ 'ଶୂନ୍ୟେ ମେଘଗାନମ୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୨୦୨୩) ପାଇଥିବା ବିଶ୍ୱଭାରତୀ, ଶାନ୍ତି ନିକେତନର ପ୍ରଫେସର ଅରୁଣ ରଞ୍ଜନ ମିଶ୍ରଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସଭାପତିତ୍ୱ କରି କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟ ବିଭାଗ ମୁଖ୍ୟ ଡ. ବସନ୍ତ ମିଶ୍ର ଯୋଗଦେଇ କହିଥିଲେ ଯେ, ପ୍ରଫେସର ମିଶ୍ର ଦୀର୍ଘ ସମୟ ଧରି ଆଠଟି ଓଡ଼ିଆ କାବ୍ୟ ଗ୍ରନ୍ଥ ରଚନା କରିଥିବାର ଅନୁଭୂତିକୁ ପରେ ସଂସ୍କୃତ କାବ୍ୟ ରଚନାରେ ପ୍ରୟୋଗ କରି ଅକଳନୀୟ ସିଦ୍ଧି ଓ ସଫଳତା ପାଇଛନ୍ତି। ବିଶ୍ୱବିଦ୍ୟାଳୟ ଦ୍ୱାରା ଅର୍ପିତ ପ୍ରଶସ୍ତିପତ୍ରକୁ ପାଠ କରି ପ୍ରସିଦ୍ଧ ବ୍ୟାକରଣବିତ ଡ. ପ୍ରିୟବ୍ରତ ମିଶ୍ର କହିଥିଲେ ଯେ, ଭାରତ ବର୍ଷରେ ପଣ୍ଡିତମାନେ ଅରୁଣ ମିଶ୍ରଙ୍କୁ 'ଦ୍ରୁତ ବିଳମ୍ବିତ କବି' ବୋଲି ଆଖ୍ୟା ଦେଇଛନ୍ତି। ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସବୁବେଳେ ସଂସ୍କୃତ ମାତାର କାବ୍ୟ ଯାତ୍ରାରେ ଭାରତ ମାତାର ଜୟ ଧ୍ୱନିତ ହୋଇଛି ଆସିଛି ଏବଂ ତାଙ୍କ କବିତା ଗୁଡ଼ିକରେ ଭାରତୀୟ ସମାଜ ଜୀବନର ସ୍ପନ୍ଦନ ଅଭିବ୍ୟକ୍ତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଦେବାଶିଷ ତ୍ରିପାଠୀ ଉପସ୍ଥିତ ଥିଲେ।

## ବଇଁଚୁଆ ସେବା ସମବାୟ ସମିତିରୁ ୨.୯୧ କ୍ୱିଣ୍ଟାଲ ଧାନ ସଂଗ୍ରହ

**ବାଲିଅନ୍ତା, ୯ ।୧(ସମିସ):** ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ସେବା ସମବାୟ ସମିତିରୁ ବୁଧବାର ୧୦ ଜଣ ଚାଷୀଙ୍କ ଠାରୁ ୨୯୧ କ୍ୱିଣ୍ଟାଲ ୭୩ କିଲୋଗ୍ରାମ ଧାନ ସଂଗ୍ରହ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସମିତିକୁ ୧୫୦୦ କ୍ୱିଣ୍ଟାଲ ଧାନ କିଣାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସମିତି ସମ୍ପାଦକ ଦେବେନ୍ଦ୍ର ପୃଷ୍ଟି କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣିଭୂଷଣ ବାରିକ, ସଭାପତି ବେଣୁଧର ପରିଡ଼ା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ବିପିନ ବିହାରୀ ପାତ୍ର, ବାଲିଅନ୍ତା କେନ୍ଦ୍ର ସମବାୟ ବ୍ୟାଙ୍କ ସୁପର୍‌ଭାଇଜର ରାଜେନ୍ଦ୍ର ନାରାୟଣ ମହାନ୍ତି, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ସମିତି ସଭ୍ୟ ରଶ୍ମିତା ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଦୁଃଖିଶ୍ୟାମ ସ୍ୱାଇଁ, ଗ୍ରାମ ପଞ୍ଚାୟତ ଅଧିକାରୀ, ଗ୍ରାମ କୃଷିକ୍ଷେତ୍ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ଭୁବନେଶ୍ୱର, ୯।୧(ସମିସ):** ମଙ୍ଗଳବାର ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଏମ୍‌ସିର ୱାର୍ଡ ନମ୍ବର-୮, ୧୭ରେ ବିଧାୟକ ସୁଶାନ୍ତ ରାଉତ ଏବଂ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ରଙ୍କ ଉପସ୍ଥିତିରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୱାର୍ଡ ନମ୍ବର ୮ରେ ପ୍ରାୟ ୩ କୋଟି ଟଙ୍କା ଓ ୱାର୍ଡ ନମ୍ବର ୧୭ରେ ପ୍ରାୟ ୮୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ରାସ୍ତା ଏବଂ ଡ୍ରେନ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସହରାଞ୍ଚଳ ବସ୍ତିଗୁଡ଼ିକର ସର୍ବାଙ୍ଗୀଣ ଉନ୍ନତିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଅଗ୍ରାଧିକାର ଦେଇଆସିଛନ୍ତି। ଏହି ପରିପ୍ରେକ୍ଷୀରେ ମୁକ୍ତା ଯୋଜନା ଦ୍ୱାରା ବସ୍ତି ଅଞ୍ଚଳଗୁଡ଼ିକରେ ରାସ୍ତା, ଡ୍ରେନ, ପରିମଳ ବ୍ୟବସ୍ଥା ଓ ଆଲୋକୀକରଣ ଫଳରେ ବସ୍ତିଗୁଡ଼ିକ ଆହୁରି ବିକଶିତ ହୋଇପାରିଛି ବୋଲି ବିଧାୟକ ଶ୍ରୀ ରାଉତ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଉଦ୍ୟମରେ ଏଯାବତ ୨ ଲକ୍ଷରୁ ଅଧିକ ଭୂମିହୀନ ବସ୍ତିବାସିନ୍ଦା ଜମିପଟ୍ଟା ପ୍ରାପ୍ତ କରିସାରିଲେଣି। ତେବେ ବିକାଶର ଏହି ଧାରାକୁ ଜାରି ରଖିବା ପାଇଁ, ଆଗାମୀ ଦିନରେ ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ ଅତିଥିମାନେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଆଜିର ଏହି ଜନସମ୍ପର୍କ ପଦଯାତ୍ରାରେ ମେୟର୍ ସୁଲୋଚନା ଦାସ, ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଡେପୁଟି ମେୟର ମଞ୍ଜୁଲତା କହ୍ନର, କର୍ପୋରେଟର ଲାଲ ମୋହନ ଟୁଡୁ, ମୋନାଲିଶା ସାହୁ, ପୂଜା ମହାରଣା, ଜୟନ୍ତୀ ସାହୁ, ମିହିର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ୟାସକବିଙ୍କୁ ସମର୍ପିତ ସୃଜନୀର ସ୍ମୃତି ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୯।୧(ସମିସ):** ସୃଜନୀ ପରିବାର, ଚେନ୍ନାଇ ଆନୁକୂଲ୍ୟରେ ଓଡ଼ିଆ ଗଳ୍ପ ସାହିତ୍ୟର ଯୁଗ ପ୍ରବର୍ତ୍ତକ ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ସମର୍ପିତ ସ୍ମୃତି-ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସହ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅକ୍ଷାଂଶର ସମ୍ପାଦକ ଡ.ହରିଶ୍ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଡ଼ .ଗିରୀଶ ଚନ୍ଦ୍ର ସାହୁ ଏବଂ ପ୍ରଫେସର୍ ଡ଼. କୈଳାଶ ବଣ୍ଡ, କୈବଲ୍ୟ ମିଶ୍ର ଆଲୋଚନା କରିଥିଲେ। ଉପଦେଷ୍ଟା ଡକ୍ଟର ବାସନ୍ତୀ ମହାନ୍ତି, ଶିକ୍ଷାବିତ୍ ଡ଼ଃ ଅନନ୍ତ ଗିରି ଆଲୋଚକ ଭାବେ ଯୋଗ ଦେଇଥିଲେ।

## ଦର୍ଶକ ଦେଖିଲେ 'ମଲ୍ଲୀର ମହକ'

**ଭୁବନେଶ୍ୱର, ୯।୧(ସମିସ):** ଡଃ ମୌସୁମୀ ପରିଡ଼ାଙ୍କ ଦ୍ୱାରା ରଚିତ ସାମାଜିକ ଚେତନାଧର୍ମୀ ନାଟକ 'ମଲ୍ଲୀର ମହକ' ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ଅର୍ପଣ ଡ୍ୟାନ୍ସ ଓ ଡ୍ରାମା ଫେଷ୍ଟିଭାଲ ପକ୍ଷରୁ ମଞ୍ଚସ୍ଥ ହୋଇଯାଇଛି। ପିଲାଟି ଦିନରୁ ଅଧ୍ୟାପିକା ହେବାର ସ୍ୱପ୍ନ ସାକାର କରିବା ଭିତରେ ନାୟିକା ଈଷିତା ଛିଟିକି ପଡ଼ିଛି ନିଜଠାରୁ ଦୂରକୁ। ଗାଁର ମୋହ, ବାପାମାଆଙ୍କ ପ୍ରତି ଥିବା କର୍ତ୍ତବ୍ୟ ଓ ବୃତ୍ତିଗତ ଅସଙ୍ଗତି ଭିତରେ ସେ କିପରି ପେଷି ହେଉଛି ତା'ର ମାର୍ମିକ ଚିତ୍ର ଏଥିରେ ପ୍ରଦର୍ଶିତ। ଏଥିରେ ଅତିଥିଭାବେ ବରିଷ୍ଠ ମଞ୍ଚ ଅଭିନେତା ଧୀରେନ୍ଦ୍ର ନାଥ ମଲ୍ଲିକ, ଗୋବିନ୍ଦ ଜେନା, ନିର୍ଦ୍ଦେଶକ ସୁଶାନ୍ତ କୁମାର



ଶତପଥୀ, ରସାନନ୍ଦ ଦାଶ, ଆରତୀ ପାଟଯୋଷୀ ଯୋଗ ଦେଇଥିଲେ। ସୁଶାନ୍ତ ଶତପଥୀଙ୍କ ନିର୍ଦ୍ଦେଶନାରେ ସସ୍ମିତା, କଳ୍ପନା, ଶାଶ୍ୱତ, ବିମଳ, ଧରିତ୍ରୀ, ସୁବାସ ପଣ୍ଡା ଅଭିନୟ କରିଥିଲେ।

## ନବବର୍ଷର ପ୍ରଥମ କବିତା ମୁକ୍ତମଞ୍ଚ

**ଭୁବନେଶ୍ୱର, ୯।୧(ସମିସ):** ପରିବାର୍-ଏ-ଅଲଫାଜ୍ ଏବଂ ଡ୍ୟାନ୍ସ-କା-କିଡା ଷ୍ଟୁଡିଓର ମିଳିତ ପ୍ରଚେଷ୍ଟାରେ ଇଂରାଜୀ ନବବର୍ଷର ପ୍ରଥମ କବିତା ମୁକ୍ତମଞ୍ଚ ମେହଫିଲ୍-ଏ-ପରିବାର୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ରୁ ଅଧିକ କବି ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ ଏବଂ ଓଡ଼ିଆରେ କବିତା ପାଠ କରିଥିଲେ। ଯୁବ କଥାକାର ଅବିନାଶ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଅନୁଷ୍ଠାନ ପକ୍ଷରୁ ବର୍ଷା କର ଧନ୍ୟବାଦ ଜ୍ଞାପନ କରିଥିଲେ।

# 'ଶିଶିର ସରସ' ମଞ୍ଚରେ ଲୋକନୃତ୍ୟ



**ଭୁବନେଶ୍ୱର, ୯।୧(ସମିସ):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡ଼ିଶା ରୁରାଲ ଡେଭେଲ୍‌ପମେଣ୍ଟ ଏଣ୍ଡ ମାର୍କେଟିଂ ସୋସାଇଟି ଆନୁକୂଲ୍ୟରେ ଗ୍ରାମୀଣ କାରିଗର ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ନିମନ୍ତେ ପ୍ରଦର୍ଶନୀ ପଡ଼ିଆ ଠାରେ ଚାଲିଥିବା ଶିଶିର ସରସ-୨୦୨୪ ର ମଙ୍ଗଳବାର ଥିଲା ୪ର୍ଥ ଦିବସ। ଶୀତୁଆ ସନ୍ଧ୍ୟାରେ କୁନି କୁନି ପିଲାଙ୍କ ନୃତ୍ୟ ସହିତ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ ଦର୍ଶକ। ଲୋକନୃତ୍ୟ ଓ ଲୋକସଙ୍ଗୀତ ସାଙ୍ଗକୁ ବାରିପଦାର ଛଉ ନୃତ୍ୟ ପରିବେଷଣ କରାଯାଇଥିଲା।

**ସ୍ୱାସ୍ଥ୍ୟ ସଚେତନତା**

ଆଇସିସିଟି (ସମନ୍ୱିତ ପରାମର୍ଶ ଏବଂ ପରୀକ୍ଷା କେନ୍ଦ୍ର) କ'ଣ, ଏଆର୍‌ଟି (ଆଣ୍ଟି ରେଟ୍ରୋ ଭାଇରାଲ ଥେରାପି) କ'ଣ, ନିଜ ଜୀବନ ସାଥୀ ଓ ପରିବାରବର୍ଗଙ୍କୁ ଏଚ୍‌ଆଇଭି ସଂକ୍ରମଣରୁ ଦୂରରେ ରଖିବା ପାଇଁ କି ପଦକ୍ଷେପ ନେବା ଉଚିତ୍ ଆଦି ଉପରେ ଲୋକମାନଙ୍କୁ ଶିଶିର ସରସ ମେଳାରେ ସଚେତନ କରାଯାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ପକ୍ଷରୁ 'ଶିଶିର ସରସ-୨୦୨୪' ମେଳାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଷ୍ଟଲରେ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଭିତ୍ତିକ ଯୋଜନା ଓ ସଚେତନା ଉପରେ ବାର୍ତ୍ତା ପ୍ରଦାନ କରାଯାଉଛି।

## 'ତୁମ୍ବା' ପୁନରୁଦ୍ଧାର ପାଇଁ ହିମାଂଶୁଙ୍କ ପ୍ରୟାସ



ଏକଦା ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଲାଉରେ ନିର୍ମିତ ବିଭିନ୍ନ ଆକୃତିର ସାମଗ୍ରୀକୁ ପାତ୍ର ଭାବେ ବ୍ୟବହାର କରୁଥିଲେ। ଜଙ୍ଗଲକୁ ଯିବା ସମୟରେ ସେଥିରେ ପାଣି ଓ ଖାଦ୍ୟ ଦେଉଥିବା ବେଳେ ଫେରିବା ସମୟରେ ସଂଗୃହୀତ ତରଳ ସାମଗ୍ରୀ ରଖି ଆଣୁଥିଲେ। ଏମିତିକି ପରିବା, ଶାଗ ଆଦି ମଧ୍ୟ ଏହି ପାତ୍ରରେ ରଖୁଥିଲେ। କିନ୍ତୁ କିଛିବର୍ଷ ହେଲା ପ୍ଲାଷ୍ଟିକ୍ କବଳରେ ହଜିଯାଇଥିଲା ଏହି ପାରମ୍ପରିକ ସାମଗ୍ରୀ। ପୁଣିଥରେ ଏହାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି ରାୟଗଡ଼ା ଜିଲ୍ଲାର ହିମାଂଶୁ ଶେଖର ପାଣ୍ଡିଆନ୍। ତାଙ୍କ କହିବା ଅନୁସାରେ, ପିଲାବେଳେ ମୁଁ ଏହାକୁ ଚକୁଳିଆ ପଣ୍ଡାଙ୍କ ନିକଟରେ ଦେଖିଥିଲି। ୧୫ ବର୍ଷ ତଳେ କୋରାପୁଟ ଜିଲ୍ଲାର ଆଦିବାସୀମାନେ ଏହାକୁ ଅଣ୍ଟାରେ ଝୁଲାଇ ସେଥିରେ ବିଭିନ୍ନ ସାମଗ୍ରୀ ରଖିଥିବାରେ ଦେଖି ଏହା କେତେ ବର୍ଷ ପୁରୁଣା ବୋଲି ପଚାରିଥିଲି। ତେବେ ଏହା ୫୦ କି ୧୦୦ବର୍ଷର ବୋଲି କହିବା ପରେ ଏହାକୁ ନେଇ କିଛି ନୂଆ କରିବାକୁ ଚିନ୍ତା କରିଥିଲେ ଶ୍ରୀ ପାଣ୍ଡିୟାନ୍। ପାଚିଲା ଲାଉଗୁଡ଼ିକ ଶୁଖିବା ପରେ ସେଥିରୁ ବିଭିନ୍ନ ଜିନିଷ ତିଆରି କରୁଛନ୍ତି। ଯାହା କେବଳ ଆଖିକୁ ସୁନ୍ଦର ଦିଶୁନାହିଁ ବରଂ ନିତ୍ୟ ବ୍ୟବହାର ବି ହୋଇଥିଲା। ଏହାକୁ ବିଦେଶକୁ ରପ୍ତାନି କରାଯିବା ପରେ ଏହାର ଆଦୃତି ବି ବୃଦ୍ଧି ପାଇବାରେ ଲାଗିଛି। ୩ ବର୍ଷ ତଳେ ଏହି କଳାକୃତିକୁ 'ତୁମ୍ବା କାରିଗରୀ'ର ମାନ୍ୟତା ମିଳିଲା। ଲାଉରେ ନିର୍ମିତ ବିଭିନ୍ନ ଘରକରଣା ସମାଗ୍ରୀ ଯଥା, ୱାଲ ହ୍ୟାଙ୍ଗିଙ୍ଗ୍, ପରିବା ବାସ୍କେଟ୍, ପେନ୍ ଷ୍ଟାଣ୍ଡ, ପ୍ଲେଟ୍, ଗ୍ଲାସ୍, ଫୁଲଦାନୀ, କଣ୍ଢେଇ, କଇଁଛ, କଳସ, ପଇଡ଼, ପେଙ୍ଗୁଇନ୍ ଭଳି ବିଭିନ୍ନ ସୋ ପିସ୍ ସାଙ୍ଗକୁ ହାର, କାନଫୁଲ ମଧ୍ୟ ଲାଉରେ ତିଆରି ହୋଇଥିବା ଦେଖିବାକୁ ମିଳିଛି। ଏହାର ଦାମ୍ ୫୦ଟଙ୍କାରୁ ଆରମ୍ଭ କରି ୨୮ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏହାକୁ କୃତ୍ରିମ ଭାବେ କୌଣସି ଆକୃତି ଦିଆଯାଇ ପାରିବ ନାହିଁ। ଏହା କମ୍ ଓଜନ ହୋଇଥିବା ବେଳେ ଏଥିରେ କୌଣସି ପାର୍ଶ୍ୱପ୍ରତିକ୍ରିୟା ହେବାର ଭୟ ନଥାଏ। ସବୁଠାରୁ ବଡ଼କଥା ହେଉଛି ଏହାକୁ ବାରମ୍ବାର ଧୋଇଲେ କିମ୍ବା ୬ମାସ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖିଲେ ମଧ୍ୟ ଏହା ନଷ୍ଟ ହୋଇ ନ ଥାଏ। ତେଣୁ ବ୍ୟବହାର କରିବାକୁ ସହଜ ହୋଇଥାଏ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ତେବେ ପୂର୍ବରୁ ସେ ଜଣେ ପୋନସାଇ ଆର୍ଟିଷ୍ଟ ଥିବା ବେଳେ ୧୨ ବର୍ଷ ହେବ ଲାଉରେ ନିର୍ମିତ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ତିଆରି କରୁଛନ୍ତି।



# କମିସନରେଟ୍ ପୁଲିସକୁ ଚାଲିଲା ୧୭



**ଭୁବନେଶ୍ୱର, ୯ ।୧(ସମିସ):** ସପ୍ତମ ବାଟାଲିୟନ ପଡ଼ିଆରେ କମିସନରେଟ୍ ପୁଲିସର ୧୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅପରାଧ ଦମନ, ବଡ଼ ଯାତରା, ହକି ବିଶ୍ୱକପ ସହ ବିଭିନ୍ନ ଅନ୍ତର୍ଜାତୀୟ ଖେଳ, ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବା

- ଦ୍ୱୈତ ନଗରୀରେ ପୁଲିସ ସେବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା
- ଉଲ୍ଲେଖନୀୟ ସେବା ପାଇଁ ପୁଲିସ କର୍ମଚାରୀ ପୁରସ୍କୃତ

କ୍ଷେତ୍ରରେ କମିସନରେଟ୍ ପୁଲିସର କାର୍ଯ୍ୟଦକ୍ଷତାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି । ଏହି ଅବସରରେ ଇ-ଆବେଦନ ପୋର୍ଟାଲ ଓ ଏକୀକୃତ କମାଣ୍ଡ ଏବଂ ନିୟନ୍ତ୍ରଣ କକ୍ଷର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ଇ-ଆବେଦନ ପୋର୍ଟାଲରେ ଲାଇସେନ୍ସ ଏବଂ ଅନୁମତି ପ୍ରଣାଳୀକୁ ଶୃଙ୍ଖଳିତ କରିବା ଲାଗି ଏହାକୁ କାର୍ଯ୍ୟକାରୀ କରାଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ଲୋକମାନେ ଘରେ ବସି ଲାଇସେନ୍ସ ଆବେଦନ କରିପାରିବେ । ସେଭଳି ସୂଚନା ପ୍ରଯୁକ୍ତିବିଦ୍ୟାର ସକ୍ରିୟ ମନିଟରିଂ ମାଧ୍ୟମରେ ନାଗରିକ ସେବା ପ୍ରଦାନ ଲାଗି ଏକୀକୃତ କମାଣ୍ଡ ଏବଂ ନିୟନ୍ତ୍ରଣ କକ୍ଷକୁ କାର୍ଯ୍ୟକ୍ଷମ ହୋଇଛି । ଏହା କାର୍ଯ୍ୟକ୍ଷମ ହେବା ଦ୍ୱାରା ପୁଲିସ ସଂଗଠନକୁ ଅଧିକ ମଜଭୁତ୍ କରିବା ସହ ପୁଲିସକୁ ଲୋକଙ୍କ ସହ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧିରେ ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ଏହି ଅବସରରେ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି, ପୁଲିସ କମିସନରେଟ୍ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ । ପୁଲିସକୁ ଦକ୍ଷ ଓ ଉତ୍ତରଦାୟୀ କରିବାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଭୂମିକା ରହିଛି । ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତା ଯୋଗୁଁ ପୁଲିସ ଲୋକାଭିମୁଖୀ ହୋଇପାରିଛି । ପୁଲିସ ବ୍ୟବସ୍ଥା ପରିଚାଳନାରେ କ୍ଷେତ୍ରରେ ବଡ଼ ସଫଳତା ମିଳିଛି । ଗୁଣାତ୍ମକ ପୁଲିସ ସେବା ଆମର ମୂଳମନ୍ତ୍ର ବୋଲି ଡିସିପି ସୂଚନା ଦେଇଛନ୍ତି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୁଲିସ କମିସନର ବ୍ରିଜେଶ ରାୟ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, କଟକ ଡିସିପି ପିନାକ୍ ମିଶ୍ରଙ୍କ ସମେତ ୩୦୦ ବରିଷ୍ଠ ଓ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଉପସ୍ଥିତ ରହିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ସେବା ଲାଗି କଟକ-ଭୁବନେଶ୍ୱର କମିସନରେଟ ପୁଲିସରେ କାର୍ଯ୍ୟ କରୁଥିବା ଜଣେ ଏସିପି, ଜଣେ ଆଇଆଇସି, ଦୁଇଜଣ ସବ-ଇନ୍ସପେକ୍ଟର, ଜଣେ ମହିଳା ଟ୍ରାଫିକ ପୁଲିସ ଓ ଜଣେ ମହିଳା କନେଷ୍ଟବଳଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି । ସେହିପରି ବର୍ଦ୍ଧିତ ନାଗରିକ ସେବା ଓ ଦକ୍ଷ ଆଇନ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରିବାକୁ କମିସନରେଟ ପ୍ରତିବଦ୍ଧତା ହୋଇପାରିଛି । ୧୭ବର୍ଷ ଧରି ଜନସାଧାରଣଙ୍କୁ ଉତ୍ସର୍ଗୀକୃତ ସେବା ଯୋଗାଇଛି କମିସନରେଟ ପୁଲିସ ।

## 'ୟୁସିସିସି' ଯୋଗାଇବ ୧୧ ସେବା

ୟୁନିଫାଏଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର (ୟୁସିସିସି) ବା ଏକିକୃତ କମାଣ୍ଡ ଏବଂ ନିୟନ୍ତ୍ରଣ କକ୍ଷ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଦ୍ୱୈତନଗରୀରେ ନିରବଚ୍ଛିନ୍ନ ସେବା କରିବା ସୂଚନା ପ୍ରଯୁକ୍ତିବିଦ୍ୟାର ସକ୍ରିୟ ମନିଟରିଂ ମାଧ୍ୟମରେ ନାଗରିକ ସେବା ପ୍ରଦାନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି । ଦ୍ୱୈତନଗରବାସୀଙ୍କୁ ୧୧ଟି ବିଜ୍ଞାନପ୍ରଯୁକ୍ତିବିଦ୍ୟା ସମ୍ବର୍ଦ୍ଧୀୟ ସେବା ଯୋଗାଇ ଦିଆଯିବ । ଏଥିରେ ନିରୀକ୍ଷଣ ଏବଂ କମ୍ୟୁନିଟି କ୍ୟାମେରାର ଏକୀକରଣ, ଯାନବାହାନ ଟ୍ରାକିଂ ଉପକରଣଗୁଡ଼ିକର ଏକୀକରଣ, କ୍ଷେତ୍ର ବ୍ୟବହାରକାରୀଙ୍କ ପାଇଁ ମୋବାଇଲ୍ ଆପ୍‌ର ବ୍ୟବସ୍ଥା, ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ପାଇଁ ସ୍ୱୟଂଚାଳିତ ଇ-ଚାଲାଣ କାଟିବାର ବ୍ୟବସ୍ଥା ରହିଛି । ସେଭଳି ଇ-ପ୍ରମାଣଗୁଡ଼ିକର ଶୀଘ୍ର ଚିହ୍ନଟ ପାଇଁ ଫୋରେନସିକ୍ ଟୋଲ୍, ଶୀଘ୍ର ସର୍ଚ୍ଚ ଉପକରଣ ବିଭିନ୍ନ ମାମଲା ସମାଧାନ କରିବାରେ ପୁଲିସକୁ ସାହାଯ୍ୟ କରିବାର ବ୍ୟବସ୍ଥା ରହିଛି । ଏଥିସହ ଫେଡେରେସନ୍ ଟେକ୍ନୋଲୋଜି ମାଧ୍ୟମରେ ଉଭୟ ଦ୍ୱୈତନଗରୀରେ ୟୁନିଫାଏଡ୍ କମାଣ୍ଡ କଣ୍ଟ୍ରୋଲ୍ ସେଣ୍ଟରର ଏକୀକରଣ, ଆଧାରିତ ଘଟଣା ପରିଚାଳନା ମିଶନ ନିୟନ୍ତ୍ରଣ ଉପକରଣର ଏକୀକରଣ, ଗାଡ଼ିଟି ସହରରେ ପ୍ରବେଶ କଲାବେଳେ ଆଲର୍ଟ/ ଆଲାର୍ମ ବାଜିବା ଏବଂ ଜରୁରିକାଳୀନ, ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ସଚେତନ କରିବା ଲାଗି ଏହି ସେଣ୍ଟର ଜରୁରୀ ସେବା ଯୋଗାଇବା ସହ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ ।

# ଆଇଓସିଏଲ୍ ଅଧିକାରୀ କହି ଠକୁଥିଲେ '୪୨୦' ଯୁବତୀ

**ଭୁବନେଶ୍ୱର, ୯।୧ (ସମିସ):** ନିଜକୁ ଆଇଓସିଏଲ୍ ଅଧିକାରିଣୀ ବୋଲି ପରିଚୟ ଦେଇ 'ଓଲା' ଗାଡ଼ି ବୁକ୍ କରୁଥିଲେ । ଆଉ ୮/୧୦ ଘଣ୍ଟା ବୁଲିବା ପରେ ଭଡ଼ା ନ ଦେଇ ଚମ୍ପଟ ମାରୁଥିଲେ । ଏଭଳି ଅଭିନବ ଢଙ୍ଗରେ ଓଲା ଡ୍ରାଇଭରଙ୍କୁ ଚୂନ ଲଗାଉଥିବା ଯୁବତୀ ଏବେ ଧରାପଡ଼ିଛନ୍ତି । ଡ୍ରାଇଭରମାନେ ତାଙ୍କୁ କାବୁ କରି ନୂଆପଲ୍ଲୀ ଥାନାକୁ ହସ୍ତାନ୍ତର କରିଛନ୍ତି । ଯୁବତୀ ଜଣକ ହେଉଛନ୍ତି କେନ୍ଦ୍ରାପଡ଼ାର ଶୁଭଶ୍ରୀ ବାରିକ । ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ଅଭିଯୋଗ ଅନୁଯାୟୀ, ଶୁଭଶ୍ରୀ ପ୍ରାୟ ୧୫ ଦିନ ହେଲା ଓଲା ଗାଡ଼ିରେ ବୁଲି ବିଭିନ୍ନ ଅଞ୍ଚଳର ଡ୍ରାଇଭରଙ୍କୁ ଚୂନ ଲଗାଇଛନ୍ତି । ପୂର୍ବରୁ ଠକେଇର ଶିକାର ହୋଇଥିବା ଡ୍ରାଇଭରମାନେ ସେମାନଙ୍କ ଗ୍ରୁପ୍‌ରେ ଶୁଭଶ୍ରୀଙ୍କ ଫଟୋ ଓ ମୋବାଇଲ ନମ୍ବର ସେୟାର କରିଥିଲେ । ଠକାମୀର ଶିକାର ହୋଇଥିବା ଜଣେ ଡ୍ରାଇଭର ଦୁଇଦିନ ପୂର୍ବେ ଏ ନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ । ମଙ୍ଗଳବାର ପୂର୍ବାହ୍ନରେ ଶୁଭଶ୍ରୀ ୪ ଘଣ୍ଟା ପାଇଁ ଓଲା କ୍ୟାବ ବୁକ୍ କରିଥିଲେ । ଓଲା ଡ୍ରାଇଭର ବିଦ୍ୟାଧର ସାହୁ ତାଙ୍କୁ ପିକଅପ୍ କରିବା ପରେ ଶୁଭଶ୍ରୀ ୮ ଘଣ୍ଟାର କାମ ଅଛି କହି ତାଙ୍କୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ବୁଲାଇଥିଲେ । ଶେଷରେ ବିଦ୍ୟାଧର ତାଙ୍କୁ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଛାଡ଼ିବା ପରେ ଅପେକ୍ଷାଥିଲେ । ବିଦ୍ୟାଧରଙ୍କର ସନ୍ଦେହ ହେବାରୁ ସେ ପୂର୍ବରୁ ଠକେଇର ଶିକାର ହୋଇଥିବା ଡ୍ରାଇଭରଙ୍କୁ ଯୋଗାଯୋଗ କରିବା ପରେ ଶୁଭଶ୍ରୀଙ୍କ କାରନାମା ଧରାପଡ଼ିଥିଲା । ବିଦ୍ୟାଧରଙ୍କ ସମେତ ପ୍ରାୟ ୧୦ ଜଣ ଡ୍ରାଇଭର ଏକାଠି ହୋଇ ପିକଅପ୍ କରିବା ବାହାନାରେ ଶୁଭଶ୍ରୀଙ୍କ ପାଖକୁ ଯାଇଥିଲେ । ପିସିଆର୍ ଭ୍ୟାନ ସହାୟତାରେ ତାଙ୍କୁ ଇନ୍‌ଫୋସିଟି ଥାନାକୁ ନେଇଥିଲେ । ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଟିମ୍ ଇନ୍‌ଫୋସିଟି ଥାନାରେ ପହଞ୍ଚି ଶୁଭଶ୍ରୀଙ୍କୁ ଥାନାକୁ ଆଣିଥିଲା । ପୂର୍ବରୁ ଜଣେ ଡ୍ରାଇଭର୍ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିବାବେଳେ ଆଜି ଠକେଇର ଶିକାର ହୋଇଥିବା ବିଦ୍ୟାଧର ମଧ୍ୟ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି । ଏପର୍ଯ୍ୟନ୍ତ ଶୁଭଶ୍ରୀଙ୍କ ନାମରେ ଦୁଇଟି ଅଭିଯୋଗ ହୋଇଛି ।

**'ଓଲା'ରେ ବୁଲୁଥିଲେ, ଭଡ଼ା ଦେଉ ନ ଥିଲେ**

# ଚୋରିବେଳେ ଧରାପଡ଼ିଲେ ୨ ଯୁବତୀ

**ଭୁବନେଶ୍ୱର, ୯।୧(ସମିସ):** ଘର ଭିତରୁ ଚୋରି କରୁଥିବାବେଳେ ଧରାପଡ଼ିଛନ୍ତି ଦୁଇ ଯୁବତୀ । ଦୁଇ ଯୁବତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମୈତ୍ରୀ ବିହାର ଥାନା ପୁଲିସ । ଗିରଫ ଯୁବତୀମାନେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିର କାଜଲ ଶବର (୨୫) ଓ ସମିରିକା ଶବର (୨୦) । ମୈତ୍ରୀ ବିହାର ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ରହୁଥିବା ରଞ୍ଜିତ ବେହେରାଙ୍କ ପରିବାର ଲୋକେ ଶୋଇବାର ସୁଯୋଗ ନେଇ କାଜଲ ଓ ସମିରିକା ତାଙ୍କ ଘରେ ପଶିଥିଲେ । ଘର ଭିତରୁ ଏକ ଭ୍ୟାନିଟି ବ୍ୟାଗ ଭିତରେ ଥିବା ସୁନା ଅଳଙ୍କାର ଓ ୭୦୦ ଟଙ୍କା ଚୋରି କରି ନେଇଯିବା ଲାଗି ଉଦ୍ୟମ କରୁଥିବା ସମୟରେ ପରିବାର ସଦସ୍ୟ ଉଭୟଙ୍କୁ କାବୁ କରି ନେଇଥିଲେ । ରଞ୍ଜିତ ଏ ନେଇ ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିବା ସହିତ ଦୁଇ ଯୁବତୀଙ୍କୁ ପୁଲିସକୁ ହସ୍ତାନ୍ତର କରିଥିଲେ । ତଦନ୍ତ କରିବା ସହିତ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ଚୋରା ସାମଗ୍ରୀ ସବୁକୁ ଜବତ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି । କାଜଲ ନାମରେ ପୂର୍ବରୁ ମଧ୍ୟ ଏୟାରଫିଲ୍ଡ ଥାନାରେ ଏକ ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା ।

# ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ଲୋକ ମହୋତ୍ସବ ଭାବେ ପାଳନ କରାଯାଉ

**ଭୁବନେଶ୍ୱର, ୯ ।୧(ସମିସ):** ଆସନ୍ତା ୧୭ ତାରିଖରେ ପୁରୀ ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିବାକୁ ଯାଉଛନ୍ତି । ପୁରୀକୁ ଭବ୍ୟ ଏବଂ ଦିବ୍ୟ କରିବା ସହ ଆଗନ୍ତୁକ ଦର୍ଶନାର୍ଥୀଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ପରିକ୍ରମା ପ୍ରକଳ୍ପରେ ସମସ୍ତ ସୁବିଧା କରାଯାଇଛି । ପ୍ରକଳ୍ପ ଲୋକାର୍ପଣକୁ ନେଇ ରାଜ୍ୟବ୍ୟାପୀ ବର୍ତ୍ତମାନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଏହି ପରିପେକ୍ଷୀରେ ସମାଜବାଦୀ ପାର୍ଟିର ରାଜ୍ୟ ଶାଖା ସଭାପତି ରବି ବେହେରା ଲୋକାର୍ପଣ କାର୍ଯ୍ୟକ୍ରମକୁ ଲୋକ ମହୋତ୍ସବ ଭାବେ ପାଳନ କରିବାକୁ ଅନୁରୋଧ କରିଛନ୍ତି । ସେହିପରି ଶ୍ରୀ ବେହେରା ଆହୁରି ସରକାରଙ୍କୁ ଅନୁରୋଧ କରି କହଛନ୍ତି ଯେ ଲୋକାର୍ପଣ ଉତ୍ସବ ଦିନ ରାଜ୍ୟ ସରକାର ସମଗ୍ର ପୁରୀରେ ଶିକ୍ଷାନୁଷ୍ଠାନ ବନ୍ଦ ରଖନ୍ତୁ । ଏହା ସହ ପୁରୀରେ ଆସନ୍ତା ୧୭ ତାରିଖରେ ଆମିଷ ଏବଂ ମଦ ବିକ୍ରି ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଉ । ପରିକ୍ରମା ପ୍ରକଳ୍ପର ଦିବ୍ୟତାକୁ ଅନୁଭବ କରି ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି ।

# ଘରୁ ଲୁଟିନେଲେ ୧୦ ଲକ୍ଷର ସୁନା ଅଳଙ୍କାର

**ଭୁବନେଶ୍ୱର, ୯।୧ (ସମିସ):** ନୂଆବର୍ଷ ଆରମ୍ଭରୁ ରାଜଧାନୀ ଉପକଣ୍ଠରେ ଆତଙ୍କ ଖେଳାଇଛନ୍ତି ସିନ୍ଧିଚୋର । ଘରର ଝରକା ତାଡ଼ି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ସେମାନେ ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି । ପାହାଳ ଥାନା ଅର୍ନ୍ତଗତ ଅନନ୍ତପୁର ଅଞ୍ଚଳରେ ଘଟିଛି ଏଭଳି ଘଟଣା । ମମତା ନାଥଶର୍ମା ପାହାଳ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଅନନ୍ତପୁର ଅଞ୍ଚଳରେ ରହୁଥିବା ମମତାଙ୍କ ପରିବାର ସବୁଦିନ ଭଳି ରବିବାର ରାତିରେ ଖାଇସାରିବା ପରେ ଶୋଇଥିଲେ । ରାତି ପ୍ରାୟ ୨ଟା ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘରର ଝରକା ତାଡ଼ି ଘରେ ପଶିଥିଲେ । ଘର ଭିତରେ ଥିବା ଏକ ଗହଣା ଭର୍ତ୍ତି ସୁଟକେସକୁ ଚୋରି କରି ନେଇଥିଲେ । ସେହି ସୁଟ୍‌କେସରେ ଗୋଟିଏ ସୁନାହାର, ସୁନା କାନଫୁଲ ୩ ହଳ, ଦୁଇଟି ସୁନା ଚେନ୍, ସୁନା ଚୁଡ଼ି ହଳେ, ୭ଟି ସୁନା ମୁଦି ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଥିଲେ । ଏନେଇ ମମତା ପାହାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରାୟ ୧୬୬ ଗ୍ରାମ୍ ଓଜନର ସୁନାଗହଣା ଚୋରି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ପାହାଳ ଥାନା ପୁଲିସ ଏକ ମାମଲା ରୁଜୁକରିବା ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି । ହେଲେ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର ପାଇ ପାରିନାହିଁ । ତେବେ କେବଳ ମମତାଙ୍କ ଘର ନୁହଁ ତାଙ୍କ ପଡ଼ୋଶୀ ସଚ୍ଚିଦାନନ୍ଦ ଶର୍ମାଙ୍କ ଘରେ ମଧ୍ୟ ଦୁର୍ବୃତ୍ତମାନେ ପଶିଥିଲେ । ହେଲେ ତାଙ୍କ ଘରୁ କୌଣସି ସାମଗ୍ରୀ ନେଇପାରି ନଥିଲେ ।

# ୱାର୍ଦ୍ଧାରୁ ମରଶରୀର ଆଣିଲା 'ଓଡ଼ିଶା-ମୋ-ପରିବାର'

**ଭୁବନେଶ୍ୱର, ୯।୧(ସମିସ):** ବିଭିନ୍ନ ଅଞ୍ଚଳରେ ମର ଶରୀରକୁ ପରିବାର ଲୋକଙ୍କ ନିକଟରେ ପହଞ୍ଚାଇ ସେମାନଙ୍କ ଅନ୍ତିମ ସଂସ୍କାର କରିଛି ଓଡ଼ିଶା-ମୋ-ପରିବାର । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ତହସିଲର ଗୁଡିଆଳୀ ଗ୍ରାମର ସନ୍ତୋଷ କୁମାର ଭୂୟାଁ ସୁରଟରୁ ଟ୍ରେନ୍ ଯୋଗେ ନିଜ ଗ୍ରାମକୁ ଫେରୁଥିବା ସମୟରେ ଗତ ୭ ତାରିଖରେ ମହାରାଷ୍ଟ୍ରର ୱାର୍ଦ୍ଧା ନିକଟରେ ଅପମୃତ୍ୟୁର ଶିକାର ହୋଇଥିଲେ । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କଠାରୁ ଖବର ପାଇ ଓଡ଼ିଶା-ମୋ-ପରିବାର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ସ୍ୱର୍ଗତଃ ଭୂୟାଁଙ୍କ ଶବକୁ ସେଠାରୁ ଆଣି ତାଙ୍କ ଗ୍ରାମରେ ଶେଷକୃତ୍ୟ ସମ୍ପାଦନ ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ସମନ୍ୱୟ ରକ୍ଷା କରିଥିଲେ । ଜିଲ୍ଲା ପ୍ରଶାସନ ସହଯୋଗରେ ତାଙ୍କର ମରଶରୀର ଆମ୍ବୁଲାନ୍ସ ଯୋଗେ ତାଙ୍କ ପୈତୃକ ଗ୍ରାମରୁ ଅଣାଯାଇ ଆଜି ଶେଷକୃତ୍ୟ ସମ୍ପାଦନ କରାଯାଇଛି । ସେହିପରି କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ତହସିଲର ଲାଞ୍ଜି ଗ୍ରାମର ବିଷ୍ଣୁ ସୁନା କେରଳର ମୂଳରେକରାଠାରେ ଗତ ୮ ତାରିଖରେ ଏକ ବସ୍ ଦୁର୍ଘଟଣାରେ ଅକାଳ ମୃତ୍ୟୁର ଶିକାର ହୋଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀଙ୍କଠାରୁ ଖବର ପାଇ ସ୍ୱର୍ଗତଃ ବିଷ୍ଣୁ ସୁନାଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମରେ ଶେଷକୃତ୍ୟ ସମ୍ପାଦନ କରାଯାଇଛି ।

**ମହିଳା ମଞ୍ଚ କଳାକାରଙ୍କ କଲା ଅନ୍ତିମ ସଂସ୍କାର**




ଦଶପଲ୍ଲା ଅଞ୍ଚଳର ୩୮ ବର୍ଷିୟା କଳାକାର ରାମାମଣି ଦାସ ବସ୍ ଯୋଗେ ନୟାଗଡ଼ ଅଭିମୁଖେ ଯାତ୍ରା କରୁଥିବାବେଳେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱର ଆଣିବା ବାଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏସମ୍ପର୍କରେ ବିଜୁ ଜନତା ଦଳ ସାଂସ୍କୃତିକ ସଂଯୋଜକ ପ୍ରବୀର ମହାନ୍ତି ଜାଣିବା ପରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଜଣାଇଥିଲେ । ତାଙ୍କୁ ମହାପ୍ରୟାଣ ଗାଡ଼ିରେ ଦଶପଲ୍ଲାସ୍ଥିତ ତାଙ୍କ ବାସଭବନକୁ ସ୍ଥାନାନ୍ତର କରାଯାଇଥିଲା ।

# ସରକାରୀ ବାବୁଙ୍କ ଘରୁ ୮ ଲକ୍ଷର ଗହଣା ଲୁଟ୍

**ଭୁବନେଶ୍ୱର, ୯ ।୧(ସମିସ):** ରାଜଧାନୀରେ ରହୁଥିବା ଜଣେ ସରକାରୀ ବାବୁଙ୍କ ଘରେ କଳାକନା ବୁଲାଇ ଦେଇଛନ୍ତି ଲୁଟେରା । ଖଣ୍ଡଗିରି ଥାନା ତାଳବଣିଆ ଲେନ୍-୬ରେ ବଡ଼ଧରଣର ଲୁଟ୍ ହୋଇଛି । ଲୁଟ୍‌ର ଶିକାର ସରକାରୀ ବାବୁ ହେଲେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଛୋଟେଲାଲ ଶର୍ମା । ତାଙ୍କ ଘରୁ ନଗଦ ଦେଢ଼ଲକ୍ଷ ଟଙ୍କା ଓ ୮ ଲକ୍ଷ ଟଙ୍କାର ସୁନାଗହଣା ଲୁଟିଥିବା ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାୟୀ, ତାଳବଣିଆ ଲେନ-୬ରେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଛୋଟେଲାଲ ଶର୍ମା ରୁହନ୍ତି । ଘରର ଦ୍ୱିତୀୟ ମହଲାରେ ପତ୍ନୀଙ୍କ ସହ ଶୋଇଥବା ବେଳେ ଭୋର ୫ଟାରେ ଘରର ସାମ୍ନାର କବାଟର ତାଲା ଭାଙ୍ଗି ଲୁଟ୍ କରିଛନ୍ତି ଲୁଟେରା । ସବୁଠୁ ବଡ଼କଥା ହେଲା, ଯେଉଁଘରେ ଶୋଇଥିଲେ ସେଇ ଘରୁ ହିଁ ଲୁଟେରା ଟଙ୍କା ଓ ସୁନାଗହଣା ନେଇଯାଇଛନ୍ତି । ପତ୍ନୀଙ୍କ ମୁଣ୍ଡତଳେ ଆଲ୍‌ମାରୀର ଚାବି ରହିଥିଲା । ଅତି ଚତୁରତାର ସହ ଲୁଟେରା ଆଲ୍‌ମାରୀ ଖୋଲି ଡବା ସହ ସୁନାଗହଣା ତଳ ମହଲାକୁ ନେଇଥିଲେ । ସୁନାଗହଣାକୁ ଲୁଟ୍ କରିବା ପରେ ଡବାକୁ ସେଠାରେ ଫିଙ୍ଗି ପଳାଇଛନ୍ତି ଲୁଟେରା ଗ୍ୟାଙ୍ଗ୍ । ଶ୍ରୀ ଶର୍ମା ଶୋଇଥିବା ଘରୁ ଲୁଟ୍ ହୋଇଥିବା ବେଳେ କେମିତି ସେ ଜାଣିପାରିଲେ ନାହିଁ, ତାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି । ସେପଟେ ପୁଲିସ ପ୍ରାଥମିକ ଅନୁସନ୍ଧାନରେ ଏଭଳି ଲୁଟ୍‌ରେ ନିଜ ପାଖ ଲୋକଙ୍କର ଲିଙ୍କ ରହିଥିବା ସନ୍ଦେହ କରାଯାଉଛି । ତେଣୁ ଘରେ କାମ କରୁଥିବା କର୍ମଚାରୀଙ୍କୁ ପଚରାଉଚରା କରିଛି ଖଣ୍ଡଗିରି ଥାନା ପୁଲିସ । ଅନ୍ୟପକ୍ଷରେ ରାଜଧାନୀରେ ପ୍ରତିଦିନ ଲୁଟ୍, ଛିନ୍‌ତାଇ, ଚୋରି, ରାହାଜାନୀ ଭଳି ଏକାଧିକ ଅଭିଯୋଗ ହେଉଛି । ଦିନରେ ନୁହେଁ କି ରାତିରେ ନୁହେଁ, ଭୋର ସମୟରେ ବି ଲୁଟିଲେଣି । ଗତମାସେ ହେଲାଣି ଲୁଟେରା ଆପାର୍ଟମେଣ୍ଟର ଏକାଧିକ ଫ୍ଲାଟ୍‌ରେ ୧୦ କୋଟି ଟଙ୍କା ସମ୍ପତ୍ତି ଲୁଟ୍ ହୋଇଛି । ତେବେ ଲୁଟେରାଙ୍କ ଧରିବା ଲାଗି ନୂଆ ପନ୍ଥା ଆପଣାଇଛି କମିସନରେଟ୍ ପୁଲିସ । ଲୁଟେରାଙ୍କ ଫଟୋକୁ ନେଇ ପୋଷ୍ଟର୍ କରି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଲଗାଇଛି ପୁଲିସ ।

**ଦେଢ଼ଲକ୍ଷ ଟଙ୍କା ଲୁଟ୍ ନେଇ ଅଭିଯୋଗ**

### ଆର୍ଥିକ କାରବାର ଖୋଳତାଡ଼ ୟୁନିଟ୍‌ର ଅବହେଳା

# ନିଶା ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତି ଧିମା

**ଭୁବନେଶ୍ୱର, ୯ ।୧(ସମିସ):**

ସାରାଦେଶରେ ଓଡ଼ିଶାର ନିଶାମାଫିଆ ସାମ୍ରାଜ୍ୟ ବିସ୍ତାରକରି ରୋଜଗାର କରୁଛନ୍ତି କୋଟିକୋଟି ଟଙ୍କା । ଏଥିରେ ଆଲିସାନ ବଙ୍ଗଳା ନିର୍ମାଣ କରି ରାଜକୀୟ ଶୈଳୀରେ ଜୀବନଯାପନ କରୁଛନ୍ତି । ନିଶା ମାଫିଆ ଅମାପ ସମ୍ପତ୍ତିର ମାଲିକାନା ସାଜି ଦେଶ ଓ ବିଦେଶର ବାଣିଜ୍ୟ କାରବାରରେ ନିବେଶ କରୁଛନ୍ତି ଟଙ୍କା । ଧରାପଡୁଥିବା ନିଶା ବେପାରୀଙ୍କ ସମ୍ପତ୍ତିର ଉତ୍ସ ଖୋଜିବା ଲାଗି ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆରମ୍ଭ କରିଥିଲା ପ୍ରକ୍ରିୟା । ୨୦୨୨ ମସିହାରେ ସାରା ରାଜ୍ୟରୁ ନିଶା ମାଫିଆଙ୍କ ୩୩ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଇଥିଲା । ୨୦୨୩ରେ ନିଶା ମାଫିଆଙ୍କ ଠାରୁ ମାତ୍ର ୭୫ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ହୋଇଛି । ନିଶା ବେପାରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ କୋଲକାତାରେ ଥିବା କ୍ଷମତାପ୍ରାପ୍ତ ଅଧିକାରୀ (କମ୍ପିଟେଣ୍ଟ୍) ଜବତ କରିଛି । ଏହି ସମ୍ପତ୍ତି ବାଜ୍ୟାପ୍ତି ପ୍ରକ୍ରିୟା ୯୭ ପ୍ରତିଶତ ହ୍ରାସ ହୋଇଛି । ପୂର୍ବବର୍ଷଗୁଡ଼ିକ ଭଳି ଗଲାବର୍ଷ ବି ନିଶା କାରବାର ଜନିତ ଗିରଫଦାରୀ ଅହେତୁକ ବୃଦ୍ଧିଘଟିଛି । ଓଡ଼ିଶାର ନିଶା ମାଫିଆଙ୍କ ସମେତ ମଣିପୁର, କୋଲକାତା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଆସାମ ଭଳି ରାଜ୍ୟର ନିଶାମାଫିଆଙ୍କୁ ଗିରଫ କରାଯାଇଛି । କିନ୍ତୁ ଆର୍ଥିକ କାରବାର ବା ସମ୍ପତ୍ତିଗତ ମାମଲା ତଦନ୍ତ କରୁଥିବା ଅଧିକାରୀଙ୍କ ଅବହେଳାରୁ ନିଶା ମାଫିଆଙ୍କ ସମ୍ପତ୍ତି ଜବତରେ ପଛରେ ପଡ଼ିଯାଇଛି ତଦନ୍ତକାରୀ ସଂସ୍ଥା । ତେବେ ପୁଳାପୁଳା ସମ୍ପତ୍ତି ବାଜ୍ୟାପ୍ତି କରି ଭଲ ସଫଳତା ହାସଲ କରି ପ୍ରଶଂସା ପାଇଥିବା ଏସ୍‌ଟିଏଫ୍ ଗଲାବର୍ଷର ଆଖିଦୃଶିଆ ତଦନ୍ତ କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି ।

- ପୂର୍ବବର୍ଷ ୩୩ କୋଟି, ଏଥର ମାତ୍ର ୭୫ ଲକ୍ଷ
- ଦେଶ ଓ ବିଦେଶରେ ବିପୁଳ ପୁଞ୍ଜିନିବେଶ
- ସମ୍ପତ୍ତିର ଉତ୍ସ ଖୋଜିବାରେ ଲୋଡ଼ାଯିବ ବିଶେଷଜ୍ଞଙ୍କ ମତ



ଗଞ୍ଜାମ, ବାଲେଶ୍ୱର, ଭୁବନେଶ୍ୱର, ନବରଙ୍ଗପୁର, ପୁରୀ, କଟକ ଓ ଅନୁଗୁଳ ଭଳି ଜିଲ୍ଲାର ନିଶା ମାଫିଆଙ୍କ ବିରୋଧରେ କଠୋର ଅଭିମୁଖ୍ୟ ନିଆଯାଉଛି । ଗଲା ଦୁଇବର୍ଷରେ ୨୪ରୁ ଅଧିକ ନିଶା ମାଫିଆଙ୍କ ସମ୍ପତ୍ତି ଜବତ କରାଯାଇଛି । ନବରଙ୍ଗପୁରର ଦୀନେଶ କୁମାର ବିଶ୍ୱାସ ଓ ଦିନେଶ ଭଦ୍ରାଙ୍କ ୪୧ ଲକ୍ଷର ସମ୍ପତ୍ତି, ଭୁବନେଶ୍ୱର ହଳଦୀପଡ଼ିଆ ବସ୍ତିର ସେକ୍ ଜମସେଦ ଓରଫ ପିଣ୍ଟୁର ୧କୋଟି ୩୨ ଲକ୍ଷ ଟଙ୍କାର ଏକ ଘର, ନବରଙ୍ଗପୁରର ୩ ଭାଇ ପ୍ରଭାକର ମାଳି, ଅନିରୁଦ୍ଧ ମାଳି ଓ ରମେଶ ମାଳିଙ୍କ ୪ କୋଟି ୮୨ ଲକ୍ଷ ଟଙ୍କା, ଉମରକୋଟର ସୁବାସ ବିଷୋୟୀ, ରାମଚନ୍ଦ୍ର ବିଷୋୟୀ, ସୁବୀର ବିଷୋୟୀଙ୍କ ୧.୨୨ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ହୋଇଛି । ସେହିପରି ଗଞ୍ଜାମ ବୁଗୁଡ଼ାର ରଘୁନାଥ ସାହିର ୨ଭାଇ ବନମାଳୀ ପ୍ରଧାନ ଓ ଅରୁଣ ପ୍ରଧାନ ୩କୋଟି ଟଙ୍କାର ସମ୍ପତ୍ତି, ଚିତ୍ରସେନ ପରିଡ଼ାଙ୍କ ୨କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି, ମାଫିଆ ଅନୀଲ ପାଣ୍ଡିର ୨.୩୫ କୋଟିର ସମ୍ପତ୍ତି, ସେକ୍ ଲାଲୁର ନଦିଆରେ ଥିବା କୋଟିଏ ଟଙ୍କାର ସମ୍ପତ୍ତି, ବାଲେଶ୍ୱରର ନିଶା ମାଫିଆ ସେକ୍ ରାଜାର ୧.୬୫ କୋଟିର ସମ୍ପତ୍ତି, ଟକ୍‌ଲୁ ରାଜାର ୨କୋଟିର ସମ୍ପତ୍ତି, ପୁରୀର ଅନିରୁଦ୍ଧ ଜୟସିଂହ ଓରଫ ଅନୁଙ୍କ ୧ କୋଟି ଟଙ୍କାର ସମ୍ପତ୍ତି, ଖଲ୍ଲିକୋଟର ରଜନୀକାନ୍ତ ପଟ୍ଟନାୟକଙ୍କ ନଗଦ ୭୫ ଲକ୍ଷ ଟଙ୍କା ଓ ୮ କିଲୋ ସୁନା ଅଳଙ୍କାର ଓ କଟକ ବୟାଳିଶି ମୌଜାର ନାରାୟଣ ପତିଙ୍କ ନଗଦ ୭୫ ଲକ୍ଷ ୨୦ହଜାର ଟଙ୍କା, ଅନୁଗୁଳର ନିଶା ବେପାରୀଙ୍କ ୧.୭୩ କୋଟି ସମ୍ପତ୍ତି, ଆକବର ଖାନ୍‌ର ୧.୩୦ କୋଟିର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି ।

ଏହି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତରେ ବିଳାସପୂର୍ଣ୍ଣ ବଙ୍ଗଳା, ବ୍ୟବସାୟିକ କୋଠା, ପୁଳାପୁଳା ଫ୍ଲାଟ୍ ଓ ପ୍ଲଟ୍, ଜେସିବି, ଟ୍ରକ, ଟ୍ରାକ୍ଟର, କାର୍, ବସ୍, ଗୋଦାମ, ସୁଇମିଂପୁଲ୍, ନଗଦ ଟଙ୍କା ଓ ସୁନାଗହଣା ଆଦି ରହିଛି । ସେପଟେ ନିଶା ବେପାରୀ ଧରାପଡ଼ିବା ଭୟରେ ଚତୁରତାର ସହ ବେଆଇନ୍ ସମ୍ପତ୍ତି କିମ୍ବା ନୂଆ ନୂଆ ସୌଖିନ ଗାଡ଼ି ପତ୍ନୀ ଓ ପିଲାଛୁଆଙ୍କ ନାମରେ କରି ଦେଉଛନ୍ତି । ଏହି ବେଆଇନ୍ ସମ୍ପତ୍ତି ସନ୍ଧାନ ଲାଗି ଆଗାମୀ ଦିନରେ ପଦକ୍ଷେପ ସ୍ୱରୂପ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ । ଯଦି ବଡ଼ଧରଣର ସମ୍ପତ୍ତି ଲିଙ୍କ୍ ପଦାକୁ ଆସିଲେ ବିଶେଷଜ୍ଞ କିମ୍ବା ଅନ୍ୟ ତଦନ୍ତକାରୀ ସଂସ୍ଥାର ସହାୟତା ଲୋଡ଼ାଯିବ ବୋଲି ଏସ୍‌ଟିଏଫ୍ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

## ୬ ମାଫିଆଙ୍କୁ ଇଡିର ସମନ

ନିଶା କାରବାର କରି ନିଶା ମାଫିଆ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ଆୟ ଟଙ୍କାକୁ ବିଭିନ୍ନ ସ୍ଥାନରେ ନିବେଶ କରୁଛନ୍ତି । ବଡ଼ ନିଶା ମାଫିଆଙ୍କ ଟଙ୍କା କାରବାର ଚେର ଖୋଜିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମନ ବଳାଇଛି । ସେମାନଙ୍କ କୁଣ୍ଡଳି ଖୋଜିବା ଆରମ୍ଭ କରିଛି ତଦନ୍ତକାରୀ ସଂସ୍ଥା । ଶେଖ ହାସିମ୍, ଶେଖ୍ ନସିମ୍, ଦେବାଶିଷ୍ ବେହେରା, ଲୋକନାଥ ବେହେରା ଓ ସେକ୍ ଆସିକ୍‌ଙ୍କୁ ଇଡି ସମନ୍ କରିଛି । ସେମାନଙ୍କ ନିଶା କାରବାରରୁ କରିଥିବା ଲାଭ ଟଙ୍କା, ନିବେଶ ଓ ମନିଲଣ୍ଡରିଂ ଖୋଳତାଡ଼ କରିବା ଲାଗି ପ୍ରକ୍ରିୟା ଜାରିରହିଛି ।

